# Akashvani, Sambalpur

## SAMBALPURI NEWS BULLETIN

### 23 November 2024- 6.47- 6.52 am.

**********************************************

ଓଡ଼ିଶା ପର୍ବ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ପର୍ବ ଖାଲି ଓଡ଼ିଶାର୍ ପର୍ବ ନୁହେଁ ଇଟା ସାରା ପୁର୍‌ଥି ନ ଗୁଟେ ମହୋତ୍ସବ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀ ନ ଗଲାକାଏଲ୍ ଓଡ଼ିଶା ପର୍ବ ୨୦୨୪ କେ ଉଦ୍‌ଘାଟନ୍ କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ଯେ, ଶ୍ରୀ ଜଗନ୍ନାଥ୍ ସଂସ୍କୃତି ସାଙ୍ଗେ ଜଡ଼ିତ ଓଡ଼ିଶାର ସମୃଦ୍ଧ କଳା, ସାହିତ୍ୟ ଆଉ ସଂସ୍କୃତି ଓଡ଼ିଆ ଜାତିର୍ ଗୌରବର ବାର୍ତା ଦଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଆ ସମାଜ୍ ନୂଆଦିଲ୍ଲୀ ତର୍‌ଫୁ ଜବାହାର୍‌ଲାଲ୍ ନେହେରୁ ଷ୍ଟାଡ଼ିୟମ୍ ନ ଗଲାକାଏଲ୍‌ଠାନୁ ୩ ଦିନିଆ ସାଂସ୍କୃତିକ ମହୋତ୍ସବ୍ ଓଡ଼ିଶା ପର୍ବ ଆୟୋଜନ୍ କରାଯାଇଛେ ।

ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍ନେଶ୍ୱର୍ ନ ରାଜ୍ୟ ମନ୍ତ୍ରୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏଜ୍ ଉପର୍ବେଲା ବସ୍‌ବା । ଇ ବୈଠକ୍‌ଥି ଅତିରିକ୍ତ ବଜେଟ୍‌କେ ଅନୁମୋଦନ୍ କରାଯିବା । ମନ୍ତ୍ରୀ ପରିଷଦ୍ ବୈଠକ୍ ଉତ୍‌ରୁ କେବିନେଟ୍ ବୈଠକ୍ ହେବା । ଆଏବା ୨୬ ତାରିଖ୍‌ନୁ ବିଧାନ୍‌ସଭାର୍ ଶୀତକାଲୀନ ଅଧିବେଶନ୍ ହେବାର୍‌କେ ଯାଉଥିବାର୍ ବେଲେ ଇଥି ପହେଲା ଅତରିକ୍ତ ବଜେଟ୍ ଅନାଯିବା । ଇତାର୍‌ଛଡ଼ା କେବିନେଟ୍‌ଥି କେତେଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଆସିପାରେ ବଲି ଜନାପଡ଼ିଛେ ।

ରାଷ୍ଟ୍ରପତି - ଓଡ଼ିଶା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ମାସ ୩ ନୁ ୭ ତାରିଖ୍‌ତକ୍ ଓଡ଼ିଶା ଆସୁଛନ୍ । ଇଥିର୍‌ଲାଗି ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ରାଷ୍ଟ୍ରପତିଙ୍କର୍ ଭିନ୍ ଭିନ୍ ଜାଗା ନ ସାମୂହିକ ରହଣୀ ବ୍ୟବସ୍ଥା, ସୁରକ୍ଷା, କାର୍କେଡ୍ ବ୍ୟବସ୍ଥା, ବିମାନ୍ ଆଉ ହେଲିପେକ୍ଟର୍‌ର ସୁରକ୍ଷା, ଚିକିତ୍ସା ଆଉ ସ୍ୱାସ୍ଥ୍ୟ ସହାୟତା, ରାସ୍ତା ମରାମତି, ପରିମଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ,

ମଂଚ ପ୍ରସ୍ତୁତି, ଇଂଟରନେଟ୍ ସୁବିଧା, ଗଣମାଧ୍ୟମ୍ ଜରିଏ ପ୍ରଚାର୍ ପ୍ରସାର୍ ଆଉ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରାଯାଇଥିଲା । ପୁରୀ, ଖୋର୍ଦ୍ଧା ଆର୍ ମୟୁର୍‌ଭଞ୍ଜ୍‌ର ଜିଲ୍ଲାପାଲ୍‌ମାନ୍‌କୁ ସେମାନ୍‌କର୍ ଜିଲ୍ଲା ନ ରାଷ୍ଟ୍ରପତିଙ୍କର୍ ଗସ୍ତ କାର୍ଯ୍ୟକ୍ରମ୍‌ର ସୁବ୍ୟବସ୍ଥା ତଦାରଖ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଥିଲା ।

+୨ ପରୀକ୍ଷା ପ୍ରଶ୍ନପତ୍ର ଢାଂଚା ପରିବର୍ତନ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଯୁକ୍ତ ଦୁଇ ପରୀକ୍ଷା ପ୍ରଶ୍ନପତ୍ର ଢାଂଚା ବଦ୍‌ଲାଯାଇଛେ । ପ୍ରାକ୍ଟିକାଲ୍ ନାଇଁଥିବା ବିଷୟଥି ୮୦ ନମ୍ବର୍‌ର ଥିଓରୀ ପରୀକ୍ଷା ଆର୍ ୨୦ ନମ୍ବର୍‌ର ଇଂଟର୍‌ନାଲ୍ ପରୀକ୍ଷା ହେବା । ହେଲେ ପ୍ରାକ୍ଟିକାଲ୍ ବିଷୟଥି କେନ୍‌ସି ଇଂଟର୍‌ନାଲ୍ ପରୀକ୍ଷା ନାଇଁ ହୁଏ । ଇ ବିଷେଥି ୭୦ ନମ୍ବର୍‌ର ଥିଓରି ଆର୍ ୩୦ ନମ୍ବର୍‌ର ପ୍ରାକ୍ଟିକାଲ୍ ନାଇଁହେଲେ ପ୍ରୋଜେକ୍ଟ ପେପର୍ ରହେବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ସିଏଚ୍‌ଏସ୍‌ଇ ତର୍‌ଫୁ କୁହାଯାଇଛେ ।

ସରକାରୀ କର୍ମଚାରୀ-ପେନ୍‌ସନ ଆର୍‌ଏନ୍‌ୟୁ /ସମ୍ବଲପୁର

ସର୍‌କାରୀ କର୍ମଚାରୀମାନ୍‌କୁ ଏତ୍‌କେ ଅବସର ଦିନ ହିଁ ପୁରା ପେନ୍‌ସନ୍ ଦେବାର୍‌କେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଜୋର୍ ଦେଇଛନ୍ । ଇ ନିୟମ୍ ଆଘୋନୁ ଥିଲେ ଭିଲ୍ ଇଟାକେ କଡ଼ାକଡ଼ି ଭାବେ ଲାଗୁ କର୍‌ବାର୍‌କେ ଶ୍ରୀ ଆହୁଜା ରାଜ୍ୟର୍ ସବୁ ମୁଖ୍ୟ, ରାଜସ୍ୱ ଆୟୁକ୍ତ ଆର୍ ଜିଲ୍ଲାପାଳ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

## ଆଘର୍ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଜୟନ୍ତୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଆଘର୍ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର୍ ଆଏଜ୍ ହେଉଛେ ଜନମ୍ ଦିନ୍ । ୧୯୦୧ ମସିହା ଆଝିର୍ ଦିନେ ଜଗତ୍‌ସିଂହପୁର୍ ଜିଲ୍ଲା ଖେରସା ଗାଁ ନ ଶ୍ରୀ ଚୌଧୁରୀ ଜନମ୍ ହେଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍ ହେବାର୍ ଉତ୍‌ରୁ ପହେଲାଥର୍ ହେଇଥିବା ଓଡ଼ିଶା ବିଧାନ୍‌ସଭା ନିର୍ବାଚନ୍‌ଥି ନବକୃଷ୍ଣ ଚୌଧୁରୀ ତିର୍ତୋଲ୍-ଏର୍‌ସମା ଆସନ୍‌ନୁ ନିର୍ବାଚିତ ହେଇଥିଲେ । ଇତାର୍‌ଉତ୍‌ରୁ ଜବାହାର୍‌ଲାଲ୍ ନେହେରୁଙ୍କର୍ ଉଦ୍ୟମ୍‌ଥି ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ ।

ତାଙ୍କର୍ ଚେରେଷ୍ଟାଥି ଓଡ଼ିଆ ଭାଷା ସର୍କାରୀ ଭାଷା ହେଇଥିଲା ।
ଇ ଅବ୍ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁଁ ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ନ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଏଜ୍ ସଞ୍ଜ୍‌ବେଲେ ଅନୁଷ୍ଠିତ୍ ହେବା ।

ସମ୍ବିଧାନ୍ ଦିବସ                ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍ ନ ଆଏବା ୨୬ ତାରିଖ୍ ଦିନ ସମ୍ବିଧାନ୍ ଦିବସ୍ ପାଲନ୍ କରାଯିବା । ଇ ବାବ୍‌ଦେ ଭିନ୍ ଭିନ୍ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ତର୍ଫୁଁ ଚିଠି ଲେଖାଯାଇଛେ । ଇ ଅବ୍ସରେ ଛାତ୍ରଛାତ୍ରୀମାନେ ଭାରତ୍ ସମ୍ବିଧାନ୍‌ର ପ୍ରସ୍ତାବନାକେ ପଢ଼୍‌ବେ ଆଉ ସମ୍ବିଧାନ୍‌ର ମୂଲ୍ୟବୋଧ୍‌କେ ନେଇକରି କର୍ମଶାଳା କରାଯିବା ।

ଧନୁଯାତ୍ରା        ବର୍ଗଡ଼୍ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ବର୍ଗଡ଼୍ ଧନୁଯାତ୍ରା ଲାଗି ଆଏବା ମାସ ୪ ତାରିଖ୍ ଦିନ ଶୁଭସ୍ତମ୍ଭ ଥାପ୍ନା କରାଯିବା । ଜିଲ୍ଲାପାଲ୍ ଆଦିତ୍ୟ

ଗୋୟଲ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ଧନୁଯାତ୍ରା କାର୍ଯ୍ୟକାରୀ କମିଟି ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ । ଇଥିର୍ଲାଗି ଆଏବା ୨୫ ତାରିଖ୍ତକ୍ ସବ୍କମିଟି ଆଉ ଉପକମିଟି ଗଠନ୍ କରାଯିବା ଆଉ ୩୦ ତାରିଖ୍ତକ୍ ବଜେଟ୍ ଉପସ୍ଥାପନ୍ କରାଯିବା ବଲି ବୈଠକ୍ଥି ନିଷ୍ପତି ହେଇଛେ । ଇନେ ଜନେଇ ଦିଆଯାଇପାରେ ଯେ, ଆଏବା ଜାନୁଆରୀ ୩ ତାରିଖ୍ନୁ ୧୧ ଦିନ୍ ଧରିକରି ଧନୁଯାତ୍ରା ହେବା ।

ମହାରାଷ୍ଟ୍ର- ଝାର୍ଖଣ୍ଡ- ଭୋଟ୍ଗନ୍ତି ଆର୍ଏନ୍ୟୁ /ସମ୍ବଲପୁର

ମହାରାଷ୍ଟ୍ର ଆର୍ ଝାର୍ଖଣ୍ଡ ବିଧାନ୍ସଭା ନିର୍ବାଚନ୍ର ଭୋଟ୍ ଗନ୍ତି ଆଉ କିଛି ସମିଆ ଉତ୍ରୁ ମୁଲ୍ ହେବା । ସଖାଲର୍ ୮ ବଜେ ପହେଲା ପୋଷ୍ଟାଲ୍ ବାଲଟ୍ ଆଉ ପଛେ ଇଭିଏମ୍ର ଭୋଟ୍ ଗନ୍ତି କରାଯିବା । ଝାଡ଼ଖଣ୍ଡର ମୋଟ୍ ୮୧ ଟା ଆସନ୍ଥି ଗଲା ୧୩ ଆର୍ ୨୦ ତାରିଖ୍ ଦିନ ୨ ଟା ଖେପେ ଭୋଟ୍ ହେଇଥିଲା । ସେନ୍ତା ମହାରାଷ୍ଟ୍ର ନ ଗଲା ୨୦ ତାରିଖ୍ ଦିନ ଗୁଟେ ଖେପେ ୨ ଶହ ୮୮ ଟା ଆସନ୍ ଲାଗି ଭୋଟ୍ ହେଇଥିଲା ।

ଭୋଟ୍‌ଗନ୍‌ତିକେ ନେଇକରି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ସବୁ ପ୍ରକାର୍ ତୟାରି ସରିଛେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।